GOVERNMENT OF INDIA
NATIONAL LIBRARY, CALCUTTA.

Class No. OR 891.451

Book No. P 319 a C 1

N. L. 38.

MGIPC—S4—38 LNL/56—22-5-57—50,000.

NATIONAL LIBRARY.

This book was taken from the Library on the date last stamped. A late fee of 1 anna will be charged for each day the book is kept beyond a month.

N. L. 44.
MGIPC—S4—39 LNL/56—15-4-57—20,000.

B.C. 143.

ଶ୍ରୀ କାଶୀନାଥ ପଣ୍ଡାଙ୍କ ବିରଚିତ ।

143.
20.1.20.

ସଚିତ୍ର

ଆଲିରାଜ୍ୟଶୋକ ।

Uriya

BENGAL LIB.
1920
WITH RECORDINGS

(46)

ଶ୍ରୀପ୍ରମଥ ଲାଲ ସରକାରଙ୍କ ଦ୍ୱାରା
୪ର୍ଥ ବାର ପ୍ରକାଶିତ ।

PRINTED & PUBLISHED BY SARAT CH. ROY, AT THE
ANGLO-SANSKRIT PRESS, 51, SANKARITOLA
CALCUTTA.

1920.

ମୂଲ୍ୟ ଛଅପଇସା ।

IMPERIAL
9 JAN.22

NOT TO BE LENT OUT

On
891.451
P319a
G

SHELF LISTED

ସ୍ୱଗିତ୍ ଆଲିରାଜ୍ୟଶୋକ ।

BENG... WRITERS' BUIL... 7 JUL

ମାତାଙ୍କଶୋକ ।

ମସ୍ତକରେ ଦେଇ ହସ୍ତ । ବସି କାନ୍ଦନ୍ତି ରାଜାଙ୍କ ମାତ ରେ ।
କେଉଁଣେ ଗଲୁ ମୋର ସୁତ । ମୋ ଧନରେ । ୧ ।
ଭକ୍ଷପାନ କରିବନି । ଛିଡରେ ଜୀବନ ରକ୍ଷିବ ନାହିଁ ରେ ।
ଶୋକେ ଜଳିଯାଏ ଦେହୀ । ମୋ ଧନରେ । ୨ ।
ଅହୁ ହେ! ଜୀବର ଧନ । ଗଲୁ ମୋତେ ଛାଡି ଏକାକିନୀ ରେ ।
କେ ବଞ୍ଚେଇବ ଯିବ ପ୍ରାଣ । ମୋ ଧନରେ । ୩ ।
ଲଘୁଛାଡି ବନ ଦେଶେ । ସୈନ୍ୟଙ୍କୁ ଉଚାଇ ଶିକାର ଆଶେ ରେ
ଯାଇଥିଲୁ କି ସାହାସେ । ମୋ ଧନରେ । ୪ ।
କି ଯୋଗେ ଘଟିଲୁ ଭୁଲ । ଯେଉଁଣ ଭୁ ଅରି ଖଡ୍ଗ ନଇଲୁ
ରେ । ମୃତ୍ୟୁ ମୁଖରେ ପଡିଲୁ । ମୋ ବାପରେ । ୫ ।
ଶିକାରକୁ ନେଉଥିଣ । ମଞ୍ଚି ନଥିଲେ ହୋଇଥିଲୁ ଶୁଣ ରେ ।
ହୋଇଲା ଘୋର ତୋଫାନ । ମୋ ଧନରେ । ୬ ।
ବୁଢ଼ି ମଲୁ ଶେଷ କାଳେ । ପ୍ରାଣ ଯାଇଥିବ ଘୋର ଅକୁଳେ
ରେ । ଥିବୁ ଜଳଉର ମେଳେ । ମୋ ଧନ ରେ । ୭ ।
ଚନ୍ଦ୍ରମା ପ୍ରାୟେ ବଦନ । ଦେଖିବାକୁ ହେଲା ସ୍ୱପ୍ନସ୍ୱପନ ରେ ।
ଜୀବ ଥିବ ଯେବେ ଧନ । ମୋ ଧନରେ । ୮ ।
ଛାଡିଣ ରାଜ୍ୟ ସମ୍ପଦ । ଏ ବୃଦ୍ଧକାଳେ କରି ଗଲୁ ଅନ୍ଧରେ ।
ଥିଲା ମୋ କପାଳେ ମନ୍ଦ । ମୋ ଧନରେ । ୯ ।

ନେତ୍ରପ୍ରତିମା ତୁଲ୍ୟ । ଉଦ୍ବହନା ଫିଟା ହୋଇଲି ମୁହିଁରେ ।
ନେତ୍ରେ ମୁଁ ଦେଖିବି ନାହିଁ । ମୋ ଧନରେ । ୧୦ ।
ଖାଇବାକୁ ବହୁକଷ୍ଟ । ଶରୁ ସ୍ନେହ ଲାଗି ଛଡ଼ାଇ ନେଲ ରେ ।
ସୁଖ ମୋ କେଉଁଣେ ରହିଲା । ମୋ ଧନରେ । ୧୧ ।
ସୃହଅଛି ତୋତେ ମୁହିଁ । ମୁଁ ମଲେ ମୁଖାଗ୍ନି ଦେବୁ ଯେ ତୁହି
ରେ । ଝାଣ ଲାଗି ଦେଲୁ ନାହିଁ । ମୋ ଧନରେ । ୧୨ ।
ଅଜଗୁଜ୍ୟର ଠାକୁର । ଠକି ନେଲା ଯମ କେଉଁ କାର୍ଯ୍ୟର ରେ ।
କି ଦୋଷ ଦେଖିଲେ ମୋର । ମୋ ବାପରେ । ୧୩ ।
ଝାଣଲାଗି ଗଲୁ ଏବେ । କାହୁଁ ଶ୍ରୀମୁଖ ଦେଖାନ୍ତି ଯେବେ ରେ ।
ଛାଡ଼ ମୁଁ ନ ବଞ୍ଚିବି ଯବେ । ମୋ ଧନରେ । ୧୪ ।
ଅଣଆୟୁରେ ପଡ଼ିଲୁ । ଅଳପ ବୟସେ ଚଳିଲେ ମଲୁ ରେ ।
ମୋତେ ତୁ ସଙ୍ଗେ ନ ନେଲୁ । ମୋ ଧନରେ । ୧୫ ।
ତୋର ଯୋଗୁଁ ଇତ୍ୟ ମୁହିଁ । ଗ୍ରାମଦେବତାଙ୍କୁ ପୂଜା କରଇ ରେ ।
ପୂଜାର ଫଳ କି ଏହି । ମୋ ଧନରେ । ୧୬ ।
ଅଧ୍ୟ ହେଉ ନାହିଁ ମନ । ଥାଇଣ କି ହେବ ଧନ ରତନ ରେ ।
ଛାଡ଼ ଯାଏ ପଞ୍ଚପ୍ରାଣ । ମୋ ଧନରେ । ୧୭ ।
ବଙ୍ଗାନାବରେ ବସାଇ । ମୋତେ ଦରିଆରେ ଦେଲୁ ଭସାଇ ରେ ।
ତୋ ହୃଦେ ଦୟା କି ନାହିଁ । ମୋ ବାପରେ । ୧୮ ।
ପଞ୍ଚପ୍ରାଣ ନ ରହିଲ । ମୋତେ ଛାଡ଼ି ତୁହି ଗଲୁ କର୍ପାଇ ରେ ।
ଏହା କଲୁ କଦବିହୁ । ମୋ ବାପରେ । ୧୯ ।
କ୍ଷଣେ ନ ଦେଖିଲେ ତୋତେ । କ୍ଷଣକୁ ଯୁଗ ମୁଁ ମଣଇ ଚିତ୍ତେ
ରେ । ଦେଖା ତୋ ମୁଖ କାହୁଁଟେ । ମୋ ଧନରେ । ୨୦ ।
ତୋ ଚରିତ୍ର ପଥ ନ ଲେଖେ । ଶୋଭଣ ଯାଆନ୍ତି ଦେଶବିଦେଶେ
ରେ । ମିଳନ୍ତି କି ସୁଖ ଶେଷେ । ମୋ ଧନରେ । ୨୧ ।
ଯାଉଁ ନାହିଁ ମୋର ଛାତି । ଉଠ ଯା ବସିଲ ମୁହିଁ ଗର୍ଭିଣୀ ରେ ।
ସ୍ତ୍ରୀଙ୍କ ଧନେ ନାହିଁ ମତି । ମୋ ବାପରେ । ୨୨ ।

ଦଗ୍ଧ ଦଅନ୍ତୁ ଈଶ୍ୱର । ସର୍ବ ଯୋଗେ ପୂଜା କରୁ ତୁ ମୋତେ
ରେ । ସେ ରଖିଲେ ନାହିଁ ତୋତେ । ମୋ ଧନରେ । ୧୩ ।
ଏତ ତୁ ମୋର ଦଶା । ଛାଡ଼ି ଯାଇ ତୁହି ଛାଡ଼ିଲୁ ଆଶା ରେ ।
ତୁ ଅଗୁଣିର ଭରସା । ମୋ ବାପରେ । ୧୪ ।
ଏହା ସବୁ ଦୁଃଖ ଥିଲା । ମନେ ଚିନ୍ତା ସବୁ ଲଗାଇ ଦେଲା ରେ ।
ସର୍ବ କାର୍ଯ୍ୟ ଶେଷ ହେଲା । ମୋ ବାପରେ । ୧୫ ।
ଗଲାବେଳେ ବାପ ଧନ । ଗଲା କାହିଁ ପ୍ରାଣ ନ ନେଲୁ ପୁଣ ରେ ।
ଏହା ଶୁଣିଲା ମୋ କର୍ଣ୍ଣ । ମୋ ବାପରେ । ୧୬ ।
ଲକ୍ଷ୍ମୀରତନ ତୁହି । ଜାଣିଥିଲେ ଧନ ଛାଡ଼ି ନ ଦେଇ ରେ ।
ଘରେ ରଖିଥାନ୍ତି ମୁହିଁ । ମୋ ବାପରେ । ୧୭ ।
ଲକ୍ଷଣବନ୍ତ ତୁ ମୋର । ଛାଡ଼ିଲେ ନପଡ଼ିଲୁ ସିନା ପଥର ରେ ।
ଲାବଣ୍ୟ ଭିଷ୍ମ ମୋହର । ମୋ ବାପରେ । ୧୮ ।
ବିଧବା ମୁଁ ହୋଇଥିଲି । ତୋତ୍ତୁ ବିଧବା ଭଲରେ ଦେଖିଲି ରେ ।
ଅଦ୍ୟାବଧି ମୁଁ ନ ମଲି । ମୋ ବାପରେ । ୧୯ ।
ତୋତେ ଭଅ ପୂଜ ତୋତେ । ମୁହିଁ ପାଳିଥିଲି ସନ୍ତୋଷ ଚିତ୍ତେ
ରେ । ବୃଥା ସବୁ ହେଲା ଏବେ । ମୋ ବାପରେ । ୨୦ ।
ଶିଶୁଛୁଆ ଗଲା ପଛେ । ଅମୁଦିର ଭିତେ ଅନ୍ନ ନଗଡ଼ି ରେ ।
ଶୁଦ୍ଧ ଯାଅ ସ୍ୱର୍ଗପୁରେ । ମୋ ବାପରେ । ୨୧ ।
ଅନ୍ନ ଶୋଲକୋଷ ଛାଡ଼ି । ତୁ ଦେଉଛି ଉଠିଲୁ ଜଳରେ ବୁଡ଼ିରେ ।
ସକଳ ସମ୍ପତ୍ତି ଏଡ଼ି । ମୋ ଧନରେ । ୨୨ ।
ସତ୍ୟେ ପାଳୁଥିଲୁ ଦେଶ । ଦେଶ ବାସି ସର୍ବେ ହେଲେ ହରଷ
ରେ । ଯଶ ହେଲା ସର୍ବ ଧ୍ୱଂସ । ମୋ ଧନରେ । ୨୩ ।
ତୋତେ ହରଇ ବସିଲି । ତୋ ଆଗରେ କିପାଁ ମୁହିଁ ନ ମଲି ରେ ।
ଏହା ମୁଁ ନେତ୍ରେ ଦେଖିଲି । ମୋ ଧନରେ । ୨୪ ।
କାଶୀନାଥ ପଣ୍ଡା କହେ । ମାଆର ହୃଦୟ ଯେ ବର୍ଣ୍ଣିବା ନୁହେ ଯେ ।
ଅପାର ହୃଦୟ ସା ପାଏ । ସୁଜନ ହେ । ୨୫ ।

—●:O:●—

ରାଣୀଙ୍କ ଶୋକ ।

କାନ୍ଦନ୍ତି ରାଜାଙ୍କ ରାଣୀ । କେମନେ ଛାଡ଼ି ଗଲ ମହୀପତି ମଣି ।
ହେ ପ୍ରାଣନାଥ । ଅନାଥ୍ର କୋଳରୁ ପୁଣି । ହେ ପ୍ରାଣନାଥ । ୧ ।
ଶିକାରକୁ ଯିବା ବେଳେ । ପାଦ ଧରି ମୁହିଁ ପଡ଼ିଲି ତଳେ ।
ହେ ପ୍ରାଣନାଥ । ମନା ନ ମାନିଲ ହେଳେ । ୨ ।
ଲୁଚି କରି ଚାଲି ଗଲ । ଜଳର ମଧ୍ୟରେ ପ୍ରାଣ ହାରିଲ ।
ହେ ପ୍ରାଣନାଥ । ଲେଖା ଯାହାଥିଲା ହେଲ । ୩ ।
ଥିଲ ଘରରେ ଯେ ଶୋଭା । କେତେବେଳେ ଛୁଟି ଗଲ
ପଳାଇ । ହେ ଜୀବଧନ । ମୋତେ ନ କହୁ ବିଦାଇ । ୪ ।
ବୃଥା ଏ ନବଯୌବନ । ଛାଡ଼ିକରି ଗଲ କେଉଁଠ ସ୍ଥାନ ।
ହେ ପ୍ରାଣନାଥ । ଝୁରି ଝୁରି ତନୁ କ୍ଷୀଣ । ୫ ।
ଥିର ହେଉନାହିଁ ମନ । କେମନ୍ତେ ଦେଖିବି ସ୍ୱାମୀ ବଦନ ।
ହେ ଦୀନବନ୍ଧୁ । ଜଳୁଛି ମୋ ଅକାରଣ । ୬ ।
ହୃଦୟ ଫାଟି ଯାଉଛି । ଚନ୍ଦ୍ରମା ବଦନ ଶୁଖି ଯାଉଛି ।
ହେ ଜୀବଧନ । କେତେ ରହିକ ଝୁରୁଛି । ୭ ।
ଯେବେ ମୁହିଁ ଯାଇ ଥାନ୍ତି । ଶିକାର କି ହେବ ମନା କରନ୍ତି ।
ହେ ଜୀବଧନ । ଜଗିକରି ବସିଥାନ୍ତି । ୮ ।
ଘର କରି ନ ରହିଲ । କେଉଁପରି ଲୁଚି ପଳାଇ ଗଲ । ହେ
ପ୍ରାଣନାଥ । ମିଳ ମେଳରେ ରହିଲ । ୯ ।
ଶୂନ୍ୟକରି ଚାଲି ଗଲ । ପ୍ରାଣଧନ ମୋର କେମନେ ଲୁଚିଲ ।
ହେ ପ୍ରାଣନାଥ । କେଉଁଠେ ପଳାଇ ଗଲ । ୧୦ ।
ଅଗ୍ନି ଜଳିଲି ହୃଦର । ସୂର୍ଯ୍ୟକରି ଦେଖା ହଜିଲା ମୋର ।
ହେ ପ୍ରାଣନାଥ । ଜଗତ ଦିଶେ ଅନ୍ଧାର । ୧୧ ।

ଗଇଲ ରକ୍ଷିବ ମୁହିଁ । ଆଉ ଜୀବନରେ ବିଶ୍ୱାସ ନାହିଁ ।
ହେ ପ୍ରାଣନାଥ । ତୁମ୍ଭ ସଙ୍ଗେ ଯିବ ମୁହିଁ । ୧୨ ।
କୋଷ୍ଠରେ ଯେ ବସ୍ତୁ ଥିଲ । ପବନ ସାଙ୍ଗରେ ଜଳେ ବୁଡ଼ିଲ ।
ହେ ପ୍ରାଣନାଥ । ଶୋଲକୋଷ ଛାଡ଼ିଗଲ । ୧୩ ।
ବଡ଼ୁଅଛୁ ପଞ୍ଚପ୍ରାଣ । କେଉଁଠି ଗଲା ମୋ ଜୀବଧନ । ହେ
ଜଗବନ୍ଧୁ । ଗଲ୍ଲ ବନ୍ଧୁରଧନ । ୧୪ ।
ଚଢ଼ି ଏକଥା ତୁ ଭଲ । ଦରିଆରେ ନେଇ ବୁଡ଼ାଇ ଦେଲ ।
ହେ ଜଗବନ୍ଧୁ । କର୍ମେ ଏତ୍ତା ଲେଖିଥିଲ । ୧୫ ।
ନୟନେ ଦେଖିଲି ନାହିଁ । ଜାନ୍ତୁ ମୋ ରହିଲେ କେଉଁଠି
ଯାଇଁ । ହେ ଦୀନବନ୍ଧୁ । ଆଉ ଦେଖା ହେଲା ନାହିଁ । ୧୬ ।
ପ୍ରାଣ ମୋର ଯାଉ ନାହିଁ । ତୁମ୍ଭପରି ମୋତେ ନ ଭଣେ
କେହି । ହେ ପ୍ରାଣନାଥ । ସଙ୍ଗେ ମୋତେ ନେଲ ନାହିଁ । ୧୭ ।
ଛାଡ଼ି ଯାଉ ନାହିଁ ପ୍ରାଣ । ଶିକାରୁ ନଇଲେ ମୋ ସ୍ୱଜନ ।
ହେ ଦୀନବନ୍ଧୁ । ନ ରଖିବ ମୁଁ ଜୀବନ । ୧୮ ।
ହେ ପ୍ରଭୁ କଲ୍ୟାଣ ନାଥ । ପୂଜାରେ କି ଦୋଷ କଲେ ମୋହାନ୍ତ ।
ହେ ଜଗବନ୍ଧୁ । ମୋତେ ଯେ କଲ ଅନାଥ । ୧୯ ।
ଖାଇଲ ନାହିଁ ଭତ୍ତରେ । ପଥର ନଡ଼ଲ ମୋର ଛାତିରେ ।
ହେ ଜଗବନ୍ଧୁ । ବୁଡ଼ାଇ ଦେଲ ଜଳରେ । ୨୦ ।
ମାଗେ ବାଲିଧନ ଖଟି । ଦଣ୍ଡ ହୋଇ ମୋତେ କଲ ଅଭାଗୀ ।
ହେ ପ୍ରାଣ ନାଥ । ମରିବ ମୁଁ ପ୍ରାଣ ତ୍ୟାଗି । ୨୧ ।
କେତେ ଗଲ ଗଲାହାରି । ତୁମ୍ଭର ଅଙ୍ଗରେ ବନ୍ଧିଲ ଘର ।
ହେ ପ୍ରାଣନାଥ । ଧୂଳ ଜୀବନ ମୋହର । ୨୨ ।
ଜନମ ହେବାର କାଳେ । ଏହା ବିଧି ଲେଖିଥିଲା କପାଳେ ।
ହେ ପ୍ରାଣନାଥ । ରହିଲି ମୀନଙ୍କ ମେଳେ । ୨୩ ।
ଚନ୍ଦ୍ରମା ମୁଖ ତୁମ୍ଭର । ଯେବେ କି ଦେଖିବ ନେତ୍ର ମୋହର ।
ହେ ପ୍ରାଣନାଥ । ଯେବେ କି ଅଛୁ କର୍ମର । ୨୪ ।

ତୁମ୍ଭ ବାହୁଡ଼ିବୁ ନାହିଁ । ସାଗରେ ରହିଲେ ମୋ ସ୍ୱାମୀ ଯାଇଁ ।
ହେ ଦୀନବନ୍ଧୁ । କାହେ ଦେଖା ଦେଲେ ନାହିଁ । ୨୫ ।
ଦେଖାଅ ଚନ୍ଦ୍ର ବଦନ । ନୋହିଲେ ଦାସୀକୁ ଭଷ ସଙ୍କେଣ ।
ହେ ପ୍ରାଣନାଥ । ଗଲ ଅକାଳ ଚେତଣ । ୨୬ ।
ଘଜା ଛାଡ଼ିଲେକ ପ୍ରାଣ । କେମନ୍ତ ପ୍ରକାରେ ବାଞ୍ଚିବ ଜନ ।
ହେ ଜଗନ୍ନାଥ । ତ୍ରିସଂସାର ଅକାରଣ । ୨୭ ।
ବସ୍ତ୍ର ନାଥ ମୋହର । ଯେବେ ଅସିଦେବ ମୋ ପ୍ରାଣେଶ୍ୱର ।
ହେ ମହାବାହୁ । ଖଣ୍ଡ୍ରା ଖଣ୍ଡି ଦି ଅପାର । ୨୮ ।
ଏଭିକ ମାଗୁଣି ମୋର । ନାଥଙ୍କୁ ଦେଖାଅ ମୋରପାଖର ।
ହେ ଦୀନବନ୍ଧୁ । ଯଶ ରହିବ ତୁମ୍ଭର । ୨୯ ।
ପଞ୍ଚ ଅମୃ ଯା ହେଉଛୁ । ତୁମ୍ଭ ବିନା ମୁହିଁ ନ ଜାଣେ କିଛୁ ।
ହେ ଦୀନବନ୍ଧୁ । ଏଥ କାନ୍ତକୁ ମାଗୁଛୁ । ୩୦ ।
ଯୋଡ଼ି ଅଛୁ ବେଢ଼ଇପାରି । ଦୁର୍ଗକୁ ଯାଅନ୍ତୁ ମୋ ନୃପମଣି ।
ହେ ଦୀନବନ୍ଧୁ । ଦ୍ୱିଜ କାଶୀନାଥ ଭଣି । ୩୧ ।

ଦାସୀମାନଙ୍କ ଶୋକ ।

ରାଣୀଙ୍କର ଶୋକ ଦେଖି । ଦାସୀଗଣେ ସର୍ବେ ହେଲେ ଉଦାସୀ ।
ହେ ମୁଞ୍ଜ ଜନେ । ହେଲେ ତାଙ୍କ ଦୁଃଖେ ଦୁଃଖୀ । ୧ ।
ଅଜରାଜ୍ୟର ଠାକୁର । ସିଂହାସନ ତେଜି ହେଲେ ଅନ୍ତର ।
ହେ ନୃପନାଥ । ସର୍ବସ୍ୱ କଲେ ଅନ୍ତର ।
ତେଜିଆ ରାଜ୍ୟ ଭଜ ଦେଶ । ବରୁଣ ଅଳରେ କରିଲ ବାସ ।
ହେ ନୃପନାଥ । ଛାଡ଼ିଲାର ଲକ୍ଷାଳ କୋଷ । ୩ ।
ଦଳି ଯାଲେ ରହିଥିଲ । ଶିକାର ଛମନ୍ତ୍ରେ ପ୍ରାଣଟି ଗଲା ।
ହେ ନୃପନାଥ । ଯମର ବଗାଡ଼ ହେଲ । ୪ ।
ସୁନ୍ଦର ନବଯୌବନ । ଇନ୍ଦ୍ରଙ୍କୁ ଅଧିକ ଗୁଣେ ରୂପନ ।
ହେ ନୃପନାଥ । ଜଳରେ ହେଲ ନିମଗ୍ନ । ୫ ।
ସ୍ୱର୍ଗ ଅପସରା ପରି । ପାଟରାଣୀ ଯେ ଅଛନ୍ତି ତୁମ୍ଭର ।
ହେ ନୃପନାଥ । କେଉଁବେ ହେବା ସର୍ବସ୍ୱ । ୬ ।
ଅଜର ଅନ୍ତଃକରଣ । କେବଣେ ଲଗାଇଲ ସମୁଦ୍ରଗଣ ।
ହେ ନୃପନାଥ । ଛାଡ଼ିଣ ରାଜ୍ୟ ସମ୍ପଦ । ୭ ।
ନୃପ ମଧ୍ୟେ ଅଗ୍ରଗଣି । କଥବା ତୁମ୍ଭର ହେଲେ ରମଣୀ ।
ହେ ନୃପନାଥ । ରାଜ୍ୟ ପଡ଼ିଲା ଛାଡ଼ିଲେଣି । ୮ ।
ଏଦଶା ତୁମ୍ଭେ ହୋଇଲ । ଆଜଠାରୁ ଶୂନ୍ୟ ପୁର କରିଲ ।
ହେ ନୃପନାଥ । ଅନ୍ଧାର କରିଣ ଗଲ । ୯ ।
ଆମ୍ଭେ ସର୍ବ ଦାସୀମାନେ । ଅନାଥିନୀ ହେଲୁ ତୁମ୍ଭ ବହିଣେ ।
ହେ ନୃପନାଥ । ପ୍ରାଣ ଥିବା ଅକାରଣେ । ୧୦ ।
କେତେ ସ୍ନେହ କରିଥିଲ । ପ୍ରାଣ ଗଲା ବେଳେ ନ ସୁମରିଲ ।
ହେ ନୃପନାଥ । ଏବେ ଅନାଥ କରିଲ । ୧୧ ।
ଯାଉ ଦମ୍ଭ ଗଲା ଛାଡ଼ି । ଅପଣ ରହିଲ ଦଇଅମଙ୍କ ।
ହେ ନୃପନାଥ । ଗଲେ ମାଙ୍କ ସୁଦ୍ଧା ନାହିଁ । ୧୨ ।

ତୁମ୍ଭର ପ୍ରଜା ସକଳ । ତୁମ୍ଭ ଗୁଣ ସ୍ମରି ହୋନ୍ତି ଅକୁଳ ।
ହେ ନୃପନାଥ । ଦାଣ୍ଡେ ହେଲେ ଦଳ ଦଳ । ୧୩ ।
ଏବେ ଦୁଃଖ ଜାଣି ଥିଲେ । ନ ଛାଡ଼ନ୍ତୁ ଅମ୍ଭେ ତୁମ୍ଭଙ୍କ ବଳେ ।
ହେ ନୃପନାଥ । ଦଇବ ଭୁଲାଇ ନେଲେ । ୧୪ ।
କେତେ ସ୍ନେହ କରିଥିଲ । ଅଜ ସଙ୍ଗ ଛାଡ଼ ଉର୍ଦ୍ଧ୍ୱ ହେଲ ।
ହେ ନୃପନାଥ । ଜଳରେ ବୁଡ଼ି ରହିଲ । ୧୫ ।
ହେ ପ୍ରଭୁ କରୁଣାକର । ରାଜାଙ୍କୁ ବସାଅ ଅମର ପୁର ।
ହେ ଜଗବନ୍ଧୁ । ନଇଁଛି ପାଇ ସୁଖରେ । ୧୬ ।
କହେ ଦ୍ୱିଜ କାଶୀନାଥ । ମୋ ଲଟକଶୋକ ହେଉ ବିଖ୍ୟାତ ।
ହେ ସୁଜ୍ଞଜନେ । ସକଳ ପଦେ ସମାପ୍ତ । ୧୭ ।

ସମାପ୍ତ ।

Or/891.451/P319a

National Library,
Calcutta-27

IMPERIAL LIBRARY

ବିଜ୍ଞାପନ ।

ନିମ୍ନଲିଖିତ ପୁସ୍ତକମାନ ଅଂଟିକର୍ଣ୍ଣରେ ବିକ୍ରୟାର୍ଥ ପ୍ରସ୍ତୁତ ଅଛି ।

ଓଡ଼ିଆ ମେଦିନି ଭାରତ	ଟ ୧ ୮	ସଟୀକ ଭଗବଦ୍‌ଗୀତା	ଟ ୧ ୰
,, ଏକାଦଶସ୍କନ୍ଧ	ଟ ୦ |୰	,, ଗୁଣ୍ଡିଚା ସ୍ତୋତ୍ର	ଟ ୦ /୧
,, ଦଶମସ୍କନ୍ଧ ଜୋଡ଼ଶଦଳା	ଟ ୦ ୪	,, ବ୍ରହ୍ମଶାଳିପାଠ	ଟ ୦ ୰
,, ,, ଦ୍ୱାଦଶାକ୍ଷରା	ଟ ୦ ୮	,, ହନୁମାନସ୍ତୁତି	ଟ ୦ ୰
,, ପଦ୍ମପୁରାଣ	ଟ ୦ ୮	,, ପଦ୍ମାଗୀତା	ଟ ୦ /୧
,, ବିଲଙ୍କା ରାମାୟଣ	ଟ ୦ ୮	,, ଶୀତାଭୂଷଣ ଓ ଚିନ୍ତାମଣି	ଟ ୦ /୧
ବସ୍ତ୍ରାହରଣ ସୁତ	ଟ ୦ |/	,, ଲକ୍ଷ୍ମୀପୁରାଣ	ଟ ୦ /୧
,, ଗୟାମାହାତ୍ମ୍ୟ	ଟ ୦ |	,, ସଙ୍ଗୀତ ରତ୍ନମାଳା	ଟ ୦ /
,, ମଧୁସମ୍ବାଦ	ଟ ୦ |/	,, କପଟପାଶା	ଟ ୦ /୧
,, ଗୁପ୍ତାଚରିତ୍ର	ଟ ୦ |/	,, ବର୍ଣ୍ଣବୋଧ	ଟ ୦ /୨
,, ଦାରୁପୁରାଣ	ଟ ୦ |	,, ଗୋପୀଭାଷା	ଟ ୦ ୬
,, ଭାଗବତଭକ୍ତି ୧ ଖଣ୍ଡ	ଟ ୦ |/	,, ଜୋଡ଼ଶମାଳିକା	ଟ ୦ ୧
,, ,, ୨ୟ	ଟ ୦ ୨	,, ଗୁପ୍ତଗୀତ	ଟ ୦ ୧
,, ଗଣେଶ ଚରିତ	ଟ ୦ |	,, ଅଭାବଗ୍ରାସ	ଟ ୦ ୧
,, ଶୀତଳୋତ୍ସବ	ଟ ୦ |	,, ତ୍ରିକାଳମେଳା	ଟ ୦ /
,, ଦ୍ରୌପଦୀବସ୍ତ୍ର	ଟ ୦ ୰୧	,, ଭକ୍ତିରତ୍ନମାଳା	ଟ ୦ /
,, ଭଗବଦ୍ଭକ୍ତି ସାର	ଟ ୦ ୰୧	,, ଭାଗିରଥ	ଟ ୦ ୧
,, ସୁଲକ୍ଷଣୀ	ଟ ୦ ୰	,, ଛାନ୍ଦବୋଧ	ଟ ୦ ୧
,, ଅଜାମିଳ	[illegible]	,, ଗୋବିନ୍ଦଚନ୍ଦ୍ର	ଟ ୦ ୧
,, ଅଶ୍ୱମେଧ	ଟ ୦ ୰	,, ପଞ୍ଚରାତ୍ର	ଟ ୦ ୧
,, ଚିନ୍ତାମଣି ଦୁର୍ଲଭ	ଟ ୦ ୰୧	,, ମନବୋଧ ଚଉତିଶା	ଟ ୦ ୬
,, ଭଜନମାଳ	ଟ ୦ ୰	,, ଅଭିଯୋଗ	ଟ ୦ ୬
,, କୃପାଗୁଣ	ଟ ୦ ୰୧	,, ଓଷାପାଠ ସଃ	ଟ ୦ ୧
,, ଗୁଣସାଗର	ଟ ୦ ୰	,, ଦଶପୁରାଣ	ଟ ୦ ୧
,, ଦ୍ରୁମଳବଳୟ	ଟ ୦ ୰	,, ଅକ୍ଷରବୋଧ	ଟ ୦ ୬
,, ନବକୁଞ୍ଜର	ଟ ୦ /	ଜ୍ଞାନଚୂଡ଼ାମଣି ୧ମ ୨ୟଖଣ୍ଡ	ଟ ୦ ୰

ମ୍ୟାନେଜର ଏଲେମ୍ ସିଂ ପ୍ରେସ ।

୦° ୫୧ ଶଙ୍କାରିଟୋଲା, ବହୁବଜାର—କଲିକତା ।